# Akashvani, Sambalpur

## SAMBALPURI NEWS EVENING BULLETIN

**25 September 2024- 7.02 pm- 7.12 pm.**

**********************************************

୧- ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍‌କେ ପୁର୍‌ଲା ୧୦ ବଛର୍ ।

- ଇ ଅଭିଯାନ୍ ଦେଶ୍‌କେ ଉତ୍ପାଦନ୍ ଆର୍ ଉଦ୍ଭାବନ୍‌ର ଶକ୍ତି ବନାବାର୍ ଦିଗେ ଭାରତୀୟଙ୍କର୍ ସାମୂହିକ ସଂକଳ୍ପକେ ଦର୍ଶଉଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଖୋବ୍ ଜଲ୍‌ଦି ଆଉ ୨୫ ଲାଖ୍ ମହିଲାଙ୍କୁ ମିଲ୍‌ବା ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତି ଟଙ୍କା- କହେଲେ ମୁଖ୍ୟମନ୍ତ୍ରୀ ।

୩- ଆଏବା କାଏଲ୍ ଓଡ଼ିଶା ଆସୁଛନ୍ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଆର୍ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଆଏବା କାଏଲ୍ ସଖାଲ୍‌ତକ୍ ଚଡ଼କ୍ ମାରିକରି ହେଇପାରେ ବନିହାଁ ବର୍ଷା ।

ମେକ୍ ଇନ୍ ଇଣ୍ଡିଆ-ପ୍ରଧାନ୍‌ମନ୍ତ୍ରୀ        ଆର୍‌ଏନ୍‌ୟୁ/ କଟକ୍

ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍ ଆଏଜ୍ ସଫଲତାର୍ ସଙ୍ଗେ ୧୦ ବଛ୍‌ରେ ପୁହୁଁଚିଛେ । ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍‌ଥି ସାମିଲ୍ ହେଇକରି ଅଭିଯାନ୍‌କେ ସଫଲତା ଦେଇଥିବାର୍‌ନୁ ଦେଶ୍‌ବାସୀଙ୍କୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ମେକ୍ ଇନ୍ ଇଣ୍ଡିଆ ଦେଶ୍‌କେ ଗୁଟେ ଉତ୍ପାଦନ୍ ଆର୍ ଉଭାବନ୍‌ର ଶକ୍ତି ବନାବାର୍‌କେ ଶହେ ୪୦ କୋଟି ଭାରତୀୟଙ୍କର୍ ସାମୂହିକ୍ ସଂକଳ୍ପକେ ଦର୍ଶଉଛେ । ଭିନ୍ ଭନ୍ କ୍ଷେତ୍ର ନ ରପ୍ତାନୀ ବଢ୍‌ବାର୍ ସଙ୍ଗେ ଯୁଆନ୍ ମାନ୍‌କର୍ ଦକ୍ଷତା ବିକାଶ୍ ତ୍ୱରାନ୍ୱିତ୍ ହେଇଛେ । ମେକ୍ ଇନ୍ ଇଣ୍ଡିଆ ଜରିଏ ଦେଶର୍ ଅର୍ଥନୀତି ଜବର୍ ହେବାର୍ ସଙ୍ଗେ ୨ ହଜାର୍ ୪୭ ବିକଶିତ୍ ଭାରତ୍‌ର ସପନ୍ ସାକାର୍ ହେଇପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍‌ଥି ତାଙ୍କର୍ ପୋଷ୍ଟ୍‌ଥି କହିଛନ୍ । ସଂସ୍କାର୍ କ୍ଷେତ୍ର ନ ଭାରତ୍‌ର ଅଗ୍ରଗତି ଜାରି ରହେବା ଆର୍ ସଭେ ମିଲିମିଶିକରି ଗୁଟେ ଆତ୍ମନିର୍ଭର୍ ଆର୍ ବିକଶିତ୍ ଭାରତ୍ ତିଆର୍‌ବାର୍‌ଥି ସହଭାଗୀ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଆହ୍ୱାନ୍ ଦେଇଛନ୍ ।

ମେକ୍ ଇନ୍ ଇଣ୍ଡିଆ ଆର୍ଏନ୍ୟୁ/ କଟକ୍

ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍ ୨୦୧୪ ମସିହା ସେପ୍ଟେମ୍ବର୍ ୨୫ ତାରିଖ୍ ମୁଲ୍ ହେଇଥିଲା । ଇ ଯୋଜ୍ନା ଜରିଏ ଦେଶର୍ ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ୍ ଆର୍ ଷ୍ଟାର୍ଟଅପ୍ ଉଦ୍ୟୋଗ୍ମାନ୍କୁ ଅଏତ୍କା ତହଁକ୍ ଦିଆଯାଇଥିଲା । ହେଥିର୍ଲାଗି ଭାରତ୍ ଏଛେନ୍କା ପୁର୍ଥିର୍ ୩ ନମ୍ବର୍ ସବୁନୁ ବଡ଼ ମୋବାଇଲ୍ ନିର୍ମାତା ହେବାର୍ ଗୌରବ୍ ଅର୍ଜନ୍ କରିଛେ । ଦେଶର୍ ମୋବାଇଲ୍ ଆମ୍ଦାନୀ ୮୫ ପ୍ରତିଶତ୍ କମିଛେ । ଭିନ୍ ଭିନ୍ କ୍ଷେତ୍ର ନ ଉତ୍ପାଦ ଭିତିକ ପ୍ରୋତ୍ସାହନ୍ ଯୋଜ୍ନା ଲାଗି ଲାଖେ ୨୮ ହଜାର୍ କୋଟି ଟଙ୍କା ବିନିଯୋଗ୍ କରାଯାଇଛେ । କୋଭିଡ୍ ଟୀକା ଉଭାବନ୍ କରିକରି ଭାରତ୍ ବିଶ୍ୱସ୍ତର ନ ମାଏନ୍ତା ପାଏବାର୍ ସଙ୍ଗେ ଭିନ୍ ଭିନ୍ ଦେଶ୍କେ କୋଭିଡ୍ ଟୀକା ଦେଇଛେ ।

ସୁଭଦ୍ରା ଯୋଜ୍ନା ଆର୍ଏନ୍ୟୁ/କଟକ୍/ସମ୍ବଲପୁର

ଖୋବ୍ ଜଲ୍ଦି ଆଉ ୨୫ ଲାଖ୍ ମହିଳାଙ୍କୁ ସୁଭଦ୍ରା ଯୋଜ୍ନାର୍ ପହେଲା କିସ୍ତି ଟଙ୍କା ମିଲ୍ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍ନେଶ୍ୱର୍ ନ

ବିଜେପିର୍ ଗୁଟେ ଦଲୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ସେ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କଥାଥି ନୁହେଁସେ କାମ୍‌ଥି ବିଶ୍ୱାସ୍ କର୍‌ସନ୍ । ଶ୍ରୀ ମୋଦୀ ୩ ନମ୍ବର୍ ଥର୍ ଲାଗି ଦେଶର୍ ନେତୃତ୍ୱ ନେଉଥିବାର୍‌ନୁ ବିକାଶ୍‌ର ଧାରା ତ୍ୱରାନ୍ୱିତ୍ ହେଇପାରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସେଆଡ଼େ ସୁଭଦ୍ରା ଯୋଜ୍‌ନାଥି ଏବ୍‌ତକ୍ ୯୨ ଲାଖ୍ ମହିଲା ଦର୍‌ଖାସ୍ତ କରିସାରିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆର୍ ମହିଲା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ହପ୍ତେ ଭିତ୍‌ରେ ଆବେଦନ୍‌କାରୀଙ୍କର୍ ସଂଖ୍ୟା ୧ କୋଟିଥି ପୁହୁଁଚିଯିବା ଆଉ ସବୁ ଯୋଗ୍ୟ ମହିଲାଙ୍କୁ ସୁଭଦ୍ରା ଯୋଜ୍‌ନାଥି ଆର୍ଥିକ୍ ସାହାଜ୍ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ଏବ୍‌ତକ୍ ୨୫ ଲାଖ୍ ୧୧ ହଜାର୍ ମହିଲାଙ୍କୁ ସୁଭଦ୍ରା ଯୋଜ୍‌ନାର୍ ଟଙ୍କା ଦିଆସରିଛେ ବଲି ସେ ସୂଚ୍‌ନା ଦେବାର୍ ସଙ୍ଗେ ଆଏବା ବଛର୍ ମାର୍ଚ୍ଚ ୮ ତାରିଖ୍ ସବୁ ଯୋଗ୍ୟ ହିତାଧିକାରୀ ଏକାସଙ୍ଗେ ୨ ନମ୍ବର୍ କିସ୍ତି ଟଙ୍କା ପାଏବେ ବଲି କହିଛନ୍ ।

ଜିଲ୍ଲାପାଲ୍ ସମ୍ମିଲନୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବନେଶ୍ୱର୍ ନ ଆଏବା ୨୭ ଆର୍ ୨୮ ଦୁଇଦିନ୍ ଧରିକରି ଜିଲ୍ଲାପାଲ୍ ସମ୍ମିଲନୀ ହେବାର୍‌କେ ଯାଉଛେ । ହେତାର୍ ଆଘୋନୁ  ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ସଚିବ ସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ସର୍‌କାର୍‌ଙ୍କର୍ ଗଲା ଶହେ ଦିନର୍ କାର୍ଯ୍ୟକ୍ରମ୍ ଆର୍ ଯୋଜ୍‌ନାକେ ତ୍ୱରାନ୍ୱିତ୍ କର୍‌ବାର୍ ସଙ୍ଗେ ବିଭାଗ୍ ମାନ୍‌କର୍ ପ୍ରଦର୍ଶନ୍‌ଥି ଉନ୍ନତି ଆନ୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ ।

ଏକ୍ ପେଡ଼୍ ମାଁ କେ ନାମ       ପି.ଆଇ.ବି.

ଏକ୍ ପେଡ଼୍ ମାଁ କେ ନାମ୍ ଅଭିଯାନ୍‌କେ ଖୋବ୍ ସଫଲତା ମିଲିଛେ । କେନ୍ଦ୍ର ପରିବେଶ୍, ଜଙ୍ଗଲ୍ ଆଉ ଜଲବାୟୁ ପରିବର୍ତ୍ତନ୍ ମନ୍ତ୍ରଣାଲୟ ତର୍‌ଫୁ ଇ ମାସର୍ ଶେଷ୍‌ତକ୍ ୮୦ କୋଟି ଗଛ୍ ଚାରା ଲଗାବାର୍ ଲକ୍ଷ୍ୟ ରଖାଯାଇଥିବାର୍ ବେଲେ ଆଏଜ୍‌ଠାନୁ ସେ ଲକ୍ଷ୍ୟ ହାସଲ୍ ହେଇସାରିଛେ ବଲି କେନ୍ଦ୍ର ପତ୍ର ସୂଚନା କାର୍ଯ୍ୟାଳୟ ତର୍‌ଫୁ କୁହାଯାଇଛେ ।

ପଣ୍ଡିତ୍ ଦୀନ୍‌ଦୟାଲ୍ ଉପାଧ୍ୟାୟ       ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରବାଦୀ ଜନନାୟକ୍ ପଣ୍ଡିତ୍ ଦୀନ୍‌ଦୟାଲ୍ ଉପାଧ୍ୟାୟଙ୍କର୍ ଆଏଜ୍ ହେଉଛେ ଶହେ ୯ ନମ୍ବର୍ ଜୟନ୍ତୀ । ଅନ୍ତ୍ୟୋଦୟ ଆର୍ ଗରିବ୍ କଲ୍ୟାଣ୍ କ୍ଷେତ୍ର ନ ତାକର୍ ଅବଦାନ୍‌କେ ସୁର୍‌ତା କରିକରି ଆଝିର୍ ଦିନ୍‌କେ ସାରା ଦେଶେ ଅନ୍ତ୍ୟୋଦୟ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ - ପଣ୍ଡିତ୍ ଦୀନ୍‌ଦୟାଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ହେଇଥିବା ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଆଇନ୍, ପୂର୍ତ ଆଉ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଯୋଗ୍ ଦେଇଥିଲେ । ସେନ୍ତା ଉପ ମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବଲାଙ୍ଗିର୍ ନ ଦଲୀୟ କାର୍ଯ୍ୟକର୍ତାମାନ୍‌କର୍ ସଙ୍ଗେ ପଣ୍ଡିତ୍ ଦୀନ୍‌ଦୟାଲ୍ ଉପାଧ୍ୟାୟଙ୍କର୍ ଜୟନ୍ତୀ ପାଲନ୍ କରିଥିଲେ । ଉପମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟଙ୍କର୍ ସୁର୍‌ତା କର୍‌ବାର୍ ସଙ୍ଗେ ତାଙ୍କର୍ ଆଦର୍ଶଥି ଆଗ୍‌କେ ବଢ଼୍‌ବାର୍ ସଙ୍ଗେ ଆହ୍ୱାନ୍ ଦେଇଛନ୍ । ବୌଦ୍ଧ ନ ଭାରତୀୟ ଜନତା ପାର୍ଟି ତର୍‌ଫୁ ହେଇଥିବା ଜୟନ୍ତୀ କାର୍ଯ୍ୟକ୍ରମ୍‌ଥି ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ଆଉ

ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ପଣ୍ଡିତ୍ ଦୀନ୍‌ଦୟାଲଙ୍କର୍ ଜୀବନ୍ ଆର୍ ଆଦର୍ଶ ଉପ୍‌ରେ ଆଲୋଚନା କରିଥିଲେ ।

ଜେ.ପି. ନଡ୍ଡା-ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଆର୍ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଆଏବା କାଏଲ୍ ଓଡ଼ିଶା ଗସ୍ତ ନ ଆସୁଛନ୍ ବଲି ଦଲର୍ ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ଶ୍ରୀ ନଡ୍ଡା ଦଲର୍ ସଦସ୍ୟତା ଅଭିଯାନ୍ ବାବଦ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍‌ଥି ଯୋଗ୍ ଦେଇକରି ଦଲୀୟ ସାଂସଦ୍ , ବିଧାୟକ୍ ଆର୍ ପଦାଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ

୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଆଏବା ୨୭ ତାରିଖ୍‌ତକ୍ ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ଲୁକେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ପଠେଇପାର୍‌ବେ । ଇତାର୍‌ଛଡ଼ା ୧୯୨୨ ଫୋନ୍ ନମ୍ବର୍‌ଥି ମିସ୍‌ଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ମିଲିପାରୁଥିବା ଲିଙ୍କ୍‌ଥି ଭିଲ୍ ସନ୍ଦେଶ୍ ଦେଇପାର୍‌ବେ ।

ଉତରାଂଚଲ୍ ରାଜସ୍ୱ କମିଶନର୍-ସମୀକ୍ଷା

ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରାଂଚଲ୍ ରାଜସ୍ୱ କମିଶନର୍ ସଚିନ୍ ରାମ୍‌ଚନ୍ଦ୍ର ଯାଦବ୍ ଆଏଜ୍ ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ନ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ସମୀକ୍ଷା ବୈଠକ୍ କରିଛନ୍ । ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାର ସଫଲ୍ ରୂପାୟନ୍ ଦିଗେ ଅଧିକାରୀମାନେ ଆନ୍ତରିକତାର୍ ସଙ୍ଗେ କାମ୍ କର୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ । ସମୀକ୍ଷା ବୈଠକ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍        ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ୍ ଓଏଚ୍‌ପିସିର ଚିପିଲିମା ୟୁନିଟ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏବା କାଏଲ୍ ଗୁରୁବାର୍ ଦିନ ସଖାଲର୍ ୬ ବଜେନୁ ଉପର୍‌ବେଲା ୬ ବଜେତକ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ଧମା, ଚିପିଲିମା, ବସନ୍ତପୁର୍, ସାହାସ୍‌ପୁର୍, ହାତୀବାରି, ୟୁୟୁମୁରା, ଗୁଣ୍ଡେର୍‌ପୁର୍, ଗୋଶାଲା, ଗୋଡ଼ଭଗା ଆର୍ ଇତାର୍ ଆଖର୍‌ପାଖର୍ ଇଲାକାକେ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଟିପିଡବ୍ଲୁଓଡିଏ ତର୍‌ଫୁ ଗୁଟେ ପ୍ରେସ୍ ବିଜ୍ଞପ୍ତି ଜରିଏ ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ ।

ଜନଜାତି ଚକୋଟିଆ ଭୁଞ୍ଜିଆ -ଘର୍      ନୂଆପଡ଼ା ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ୍‌ଥି ନୂଆପଡ଼ା ଜିଲ୍ଲାର୍ ସୁନାବେଡ଼ା ଅଭୟାରଣ୍ୟ ନ ରହୁଥିବା ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆ ପରିବାର୍ ମାନ୍‌କର୍ ଲାଗି କୋମ୍‌ନା ବ୍ଲକ୍‌ଥି ୪ ଶହ ୨୩ ଟା ଘର୍ ମଞ୍ଜୁର୍

ହେଇଛେ । ସେ ଭିତ୍‌ରୁ ୧୨ ଟା ଘର୍ ତିଆର୍ କାମ୍ ପୁରା ହେଇସାରିଥିବା ବିଡ଼ିଓ ସୀତାଂଶୁ ଶେଖର୍ ସାମଲ୍ କହିଛନ୍ ।

ସୁବର୍ଣ୍ଣପୁର୍-ସ୍ୱଚ୍ଛତା ହିଁ ସେବା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତର୍‌ଫୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଡାକ୍ତର୍‌ଖାନା ପରିସର ନ ସଫେଇ କାମ୍ କରାଯାଇଥିଲା । ସେନ୍ତା ବର୍‌ଗଡ୍ ଜିଲ୍ଲାର୍ ଭଟ୍‌ଲି ପାଖର୍ ଭାରତୀୟ ହସ୍ତତନ୍ତ ବୈଷୟିକ ପ୍ରତିଷ୍ଠାନ୍ ନ ସ୍ୱଚ୍ଛତା ପକ୍ଷ ପାଲନ୍ କରାଯାଉଛେ । ଛାତ୍ରଛାତ୍ରୀମାନେ ପ୍ରତିଷ୍ଠାନ୍ ପରିସର୍‌କେ ସଫାସୁତ୍‌ରା ରଖିବାର୍ ସଙ୍ଗେ ଆଖର୍‌ପାଖର୍ ଗାଁର୍ ଲୁକ୍‌କୁ ସ୍ୱଚ୍ଛତା ବାବ୍‌ଦେ ସଚେତନ୍ କରୁଛନ୍ । ଆଏଜ୍ ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ସ୍ୱଚ୍ଛତା ଅଭିଯାନ୍‌ଥି ସାମିଲ୍ ହେଇଥିଲେ ।

ପୋଷଣ୍ ମାସ-ଦେବ୍‌ଗଡ୍ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାସ୍ତରୀୟ ପୋଷଣ୍ ମାସ ପାଲନ୍ ଉତ୍ସବ୍ ହେଇଯାଇଛେ । ଜିଲ୍ଲା

ପରିଷଦ୍‌ର ଅଧ୍ୟକ୍ଷ କୌଶିକ କୁମାର୍ ପ୍ରଧାନ୍ ଆର୍ ମୁଖ୍ୟ ଉନ୍ନୟନ୍ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଉତ୍ସବ୍‌ର ଉଦ୍‌ଘାଟନ୍ କରିଥିଲେ । ଜିଲ୍ଲାର୍ ଗାଁ ଇଲାକା ନ ମା ଆର୍ ଛୁଆମାନ୍‌କର୍ କୁପୋଷଣ୍ ଦୂର୍ କର୍‌ବାର୍ ଦିଗେ ଭଲ୍ କାମ୍ କରୁଥିବା ଭିନ୍ ଭିନ୍ ବ୍ଲକ୍‌ର ଅଙ୍ଗନବାଡ଼ି କର୍ମୀମାନ୍‌କୁ ପୁରସ୍କୃତ କରାଯାଇଥିଲା ।

## ମୋ ଜଙ୍ଗଲ୍ ଜମି ଯୋଜ୍‌ନା -କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ମୋ ଜଙ୍ଗଲ୍ ଜମି ଯୋଜ୍‌ନା ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ଉଦ୍‌ଘାଟନ୍ କରିଥିବା କର୍ମଶାଳାକେ ଜନଜାତି ଆର୍ ବନବାସୀମାନ୍‌କର୍ ଜଙ୍ଗଲ୍ ଜମି ଅଧିକାର୍, ଗୋଷ୍ଠୀ ଜଙ୍ଗଲ୍ ଆର୍ ଗୋଷ୍ଠୀ ସମ୍ବଳ ଅଧିକାର୍ ବାବ୍‌ଦେ ଜଙ୍ଗଲ୍ ଆର୍ ରାଜସ୍ୱ ବିଭାଗ୍ କର୍ମଚାରୀମାନ୍‌କୁ ତାଲିମ୍ ଦିଆଯାଇଥିଲା ।

## ପୋଷଣମାସ-ବର୍‌ଗଡ଼ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ ବୟନ ଶିଳ୍ପ ସମ୍ମିଳନୀ କକ୍ଷ ନ ଆଏଜ୍‌ ଜିଲ୍ଲାସ୍ତରୀୟ ପୋଷଣମାସ ପାଲନ୍‌ର ଶୁଭାରମ୍ଭ କରାଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍‌ ଆଦିତ୍ୟ ଗୋୟଲ୍‌ଙ୍କର୍‌ ଅଧ୍ୟକ୍ଷତାଥି ହେଇଥିବା ସଭା ନ ଜିଲ୍ଲାର୍‌ କେହେନି ଜାଗା ନ ଭିଲ୍‌ ଯେନ୍ତା କେନ୍‌ସି ମା ଆର୍‌ ଛୁଆ କୁପୋଷଣ୍‌ର ଶିକାର୍‌ ନାଇଁ ହୁଅନ୍‌ ହେତାର୍‌ ଉପ୍‌ରେ ଧ୍ୟାନ୍‌ ଦେବାର୍‌ ଉପ୍‌ରେ ଜୋର୍‌ ଦିଆଯାଇଥିଲା ।

ବୌଦ୍ଧ -ନିଯୁକ୍ତି ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍‌ହଲ୍‌ ନ ଆଏଜ୍‌ ନିଯୁକ୍ତି ମେଳା ହେଇଯାଇଛେ । ଜିଲ୍ଲାପାଲ୍‌ ସୁବ୍ରତ୍‌ କୁମାର୍‌ ପଣ୍ଡା ମେଳାର୍‌ ଉଦ୍‌ଘାଟନ୍‌ କରିଥିଲେ । ମେଳାଥି ୩ ଶହ ୧୯ ଝନ୍‌ ନିଜର୍‌ ନାଁ ପଞ୍ଜିକରଣ୍‌ କରିଥିବାର୍‌ ବେଲେ ୧୫ ଟା କମ୍ପାନୀ ଶହେ ୫୯ ଝନ୍‌କୁ ସିଧାସଲଖ୍‌ ଆର୍‌ ୮ ଟା ସଂସ୍ଥା ଶହେ ୨୦ ଝନ୍‌କୁ ପ୍ରଶିକ୍ଷଣ୍‌ ସାଙ୍ଗେ ନିଯୁକ୍ତି ଦେଇଛନ୍‌ ।

ନୂଆପଡ଼ା-ନୂଆଖାଇ ଭେଟ୍‌ଘାଟ୍‌ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍‌ର ସୁନାବେଡ଼ା ଆର୍‌ ସୋସେନ୍‌ ପଂଚାୟତ୍‌ର ଚକୋଟିଆ ଭୁଞ୍ଜିଆ ଜନଜାତିର୍‌ ଲୁକେ ଆଏଜ୍‌

ନୂଆଖାଇ ଭେଟ୍‌ଘାଟ୍ ପରବ୍ ପାଲନ୍ କରିଛନ୍ । ସୁନାବେଡ଼ା ଅଭୟାରଣ୍ୟର୍ ୨୪ ଟା ଗାଁ ଆର୍ ଆଖର୍‌ପାଖର୍ ଇଲାକାର୍ ଚକୋଟିଆ ଭୁଞ୍ଜିଆ ଜନଜାତି ପରିବାର୍‌ର ହଜାର୍ ହଜାର୍ ଲୋକ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ବଙ୍ଗୋପ୍‌ସାଗର୍‌ଥି ଗୁଟେ ଲଘୁଚାପ୍ ସୃଷ୍ଟି ହେଇଥିବାର୍ ବେଳେ ରାଜ୍ୟର୍ ବଡ଼୍‌ଭାଗୀ ଇଲାକା ନ ପାଗ୍ ମେଘୁଆ ରହେବାର୍ ସଙ୍ଗେ ଖୋବ୍ ଜାଗା ନ ବର୍ଷା ହେଉଛେ । ଇ ଥିତି ଆହୁରି ୨/୩ ଦିନ୍‌ତକ୍ ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବାକାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ନୂଆପଡ଼ା, ବଲାଙ୍ଗିର୍ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ କେତେ ଜାଗା ନ ଘିଡ଼୍‌ଘିଡ଼ି ମାରିକରି ବନିହାଁ ବର୍ଷା ହେବାର୍ ଆକଲନ୍ କରାଯାଇଛେ ।